# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

**01 June - 2024**

**News Editor : *Itishree Singh Rathaur***

*********************************

## ମୁଖ୍ୟ ସମ୍ବାଦ

- ଅଷ୍ଟାଦଶ ଲୋକସଭା ନିର୍ବାଚନ ଆଜି ଶେଷ ହେଲା

— ରାଜ୍ୟର ଶେଷ ପର୍ଯ୍ୟାୟ ନିର୍ବାଚନରେ ସନ୍ଧ୍ୟା ୫ଟା ସୁଦ୍ଧା ୬୨ ଦଶମିକ ୪/୬ ପ୍ରତିଶତ ମତଦାନ

— ଆସନ୍ତା ମଙ୍ଗଳବାର ଦିନ ହେବ ଭୋଟ ଗଣତି

- ପୁରୀ ବାଣ ବିସ୍ଫୋରଣ ଘଟଣାର ତଦନ୍ତ  ପାଇଁ ଆସନ୍ତା ବୁଧବାର ଦିନ ପୁରୀଠାରେ ତଦନ୍ତ କମିଟିର ହେବ ସ୍ୱତନ୍ତ୍ର ବୈଠକ

- ରାଷ୍ଟ୍ରୀୟ ମର୍ଯ୍ୟାଦା ସହ କଣ୍ଢେଇ ନୃତ୍ୟଗୁରୁ ମାଗୁଣୀ ଚରଣ କୁଅଁରଙ୍କ ଶେଷକୃତ୍ୟ ସମ୍ପନ୍ନ

- ଦୁଗ୍ଧ ଏବଂ ଦୁଗ୍ଧଜାତ ଖାଦ୍ୟପଦାର୍ଥର ମହତ୍ତ୍ୱ ସମ୍ପର୍କରେ ସଚେତନତା ସୃଷ୍ଟି କରିବା ଲାଗି ଆଜି ପାଳନ କରାଯାଉଛି ବିଶ୍ୱ ଦୁଗ୍ଧ ଦିବସ

ଏବଂ

- ରାଜ୍ୟରେ ଲାଗି ରହିଛି ଭୀଷଣ ଗ୍ରୀଷ୍ମପ୍ରବାହ; ଆସନ୍ତାକାଲି ପାଇଁ ୧୬ଟି ଜିଲ୍ଲାକୁ ସତର୍କ ସୂଚନା ଜାରି

# ଚତୁର୍ଥ ପର୍ଯ୍ୟାୟ ନିର୍ବାଚନ

ଦେଶରେ ଆଜି ଅନ୍ତିମ ପର୍ଯ୍ୟାୟ ନିର୍ବାଚନ ଶେଷ ହୋଇଛି । ଅଷ୍ଟଦଶ ଲୋକସଭା ପାଇଁ ମୋଟ ୭ଟି ପର୍ଯ୍ୟାୟରେ ସାଧାରଣ ନିର୍ବାଚନ ଅନୁଷ୍ଠିତ ହୋଇଥିଲା । ଲୋକସଭା ନିର୍ବାଚନ ସହିତ ଓଡିଶା, ଆନ୍ଧ୍ରପ୍ରଦେଶ, ଅରୁଣାଞ୍ଚଳ ପ୍ରଦେଶ ଓ ସିକ୍କିମ ବିଧାନସଭା ପାଇଁ ଏକାସାଙ୍ଗରେ ଭୋଟ୍ ଗ୍ରହଣ ହୋଇଥିଲା ।

ଆଜି ଅନ୍ତିମ ପର୍ଯ୍ୟାୟରେ ଓଡ଼ିଶାରେ ସନ୍ଧ୍ୟା ୫ଟା ସୁଦ୍ଧା ୬୨ ଦଶମିକ ୪/୬ ପ୍ରତିଶତ ମତଦାନ ହୋଇଥିବା ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ନିକୁଞ୍ଜ ବିହାରୀ ଧଳ ସୂଚନା ଦେଇଛନ୍ତି । ସେ କହିଛନ୍ତି,

**- V/O -**

ଲୋକସଭା ନିର୍ବାଚନର ପ୍ରଥମ ପର୍ଯ୍ୟାୟରେ ଏପ୍ରିଲ ମାସ ୧୯ରେ ୧୦୨ଟି ଲୋକସଭା ଆସନ ପାଇଁ ମତଦାନ ହୋଇଥିବାବେଳେ ଏପ୍ରିଲ ୨୬ରେ ଦ୍ୱିତୀୟ ପର୍ଯ୍ୟାୟରେ ଅଣାନବେଟି, ମଇ ୭ରେ ତୃତୀୟ ପର୍ଯ୍ୟାୟରେ ୯୪ଟି, ମଇ ୧୩ରେ ୯୬ଟି ଲୋକସଭା ଆସନ, ମଇ ୨୦ ପଞ୍ଚମ ପର୍ଯ୍ୟାୟରେ ଅଣଚାଶଟି ଏବଂ ଷଷ୍ଠ ପର୍ଯ୍ୟାୟରେ ମଇ ୨୫ରେ ୯୭ଟି ଲୋକସଭା ଆସନ ଏବଂ ଆଜି ୫୭ଟି ଲୋକସଭା ଆସନ ପାଇଁ ମତ ଗ୍ରହଣ ହୋଇଥିଲା ।

ରାଜ୍ୟରେ ଚଳିତଥର ୧୪୭ଟି ବିଧାନସଭା ଆସନ ପାଇଁ ୧ହଜାର ୨୮୫ଜଣ ପ୍ରାର୍ଥୀ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରିଛନ୍ତି ।

ଶେଷ ପର୍ଯ୍ୟାୟରେ ଆଜି ରାଜ୍ୟର ୬ଟି ଲୋକସଭା ଆସନ ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡା ଓ ଜଗତସିଂହପୁର ଏବଂ ଏହା ଅନ୍ତର୍ଗତ ୪୨ଟି ବିଧାନସଭା ଆସନ ପାଇଁ ଭୋଟ ଗ୍ରହଣ ହୋଇଯାଇଛି । ଓଡିଶାରେ ପ୍ରଥମ ପର୍ଯ୍ୟାୟରେ ମତଦାନ ହାର ୭୩ ଦଶମିକ ୯/୭ ପ୍ରତିଶତ ରହିଥିବାବେଳେ ଦ୍ୱିତୀୟ ପର୍ଯ୍ୟାୟରେ ୭୩ଦଶମିକ ୫/୧ପ୍ରତିଶତ ଏବଂ ତୃତୀୟ ପର୍ଯ୍ୟାୟରେ ୭୪ଦଶମିକ ୪/୫ ପ୍ରତିଶତ ମତଦାନ ହୋଇଥିଲା । ଆସନ୍ତା ମଙ୍ଗଳବାର ଭୋଟଗଣତି ହେବା ସହ ଫଳାଫଳ ପ୍ରକାଶ ପାଇବ ।

## ନରେନ୍ଦ୍ର ପୁଷ୍କରିଣୀ-ଅଗ୍ନିକାଣ୍ଡ

ପୁରୀ ନରେନ୍ଦ୍ର ପୁଷ୍କରିଣୀଠାରେ ଶ୍ରୀଜୀଉଙ୍କ ଭଉଁରୀ ଯାତ୍ରା ସମୟରେ ବାଣ ବିସ୍ଫୋରଣ ଦୁର୍ଘଟଣାର ତଦନ୍ତ ଲାଗି ରାଜ୍ୟ ଗୃହ ବିଭାଗର ନିର୍ଦ୍ଦେଶ ପରେ ଅତିରିକ୍ତ ସ୍ୱତନ୍ତ୍ର ରିଲିଫ୍ କମିଶନର ପଦ୍ମନାଭ ବେହେରା ପୁରୀ ଜିଲାପାଳଙ୍କୁ ଏ ସମ୍ପର୍କିତ ନିର୍ଦ୍ଦେଶନାମା ଜାରି କରିଛନ୍ତି । ନିର୍ଦ୍ଦେଶନାମା ଅନୁଯାୟୀ, ଆସନ୍ତା ୫ ତାରିଖ ଦିନ ପୁରୀ ସ୍ୱତନ୍ତ୍ର ସର୍କିଟ୍ ହାଉସ୍‌ରେ ଏହି ଘଟଣାର ଏକ ବୈଠକ ଅନୁଷ୍ଠିତ ହେବ । ଶ୍ରୀମନ୍ଦିର ପ୍ରଶାସନ, ପୁଲିସ୍ ଅଧିକ୍ଷକ, ପୁରୀ ସହକାରୀ ଅଗ୍ନିଶମ ଅଧିକାରୀ, ପ୍ରତ୍ୟକ୍ଷଦର୍ଶୀ ଏବଂ ଘଟଣା ସମ୍ପର୍କରେ ଜାଣିଥିବା ଲୋକଙ୍କୁ ଏହି ତଦନ୍ତ ସମୟରେ ଉପସ୍ଥିତ ରହିବାକୁ ଅନୁରୋଧ କରାଯାଇଛି । ବିସ୍ଫୋରଣ ଘଟଣାରେ ମୃତ୍ୟୁସଂଖ୍ୟା ୮କୁ ବୃଦ୍ଧି ପାଇଛି । ଚିକିତ୍ସାଧିନ ଅବସ୍ଥାରେ ଆଜି ଆଉ ଦୁଇଜଣଙ୍କ ମୃତ୍ୟୁ ଘଟିଛି ।

# ଲୋକସଭା ନିର୍ବାଚନ

ଲୋକସଭା ନିର୍ବାଚନ ଶେଷ ହେବା ପରେ ବିଭିନ୍ନ ନିର୍ବାଚନ ଫଳାଫଳକୁ ନେଇ ଆଗୁଆ ଅନୁମାନ କରୁଥିବା ସଂସ୍ଥାଗୁଡ଼ିକ ପକ୍ଷରୁ ଗଣମାଧ୍ୟମରେ ଖବର ପ୍ରକାଶ ପାଉଛି । ରିପବ୍ଲିକ୍ ଟିଭିର ସର୍ଭେ ଅନୁସାରେ ଏନ୍‌ଡିଏ ମେଣ୍ଟ ୩୫୯ ସିଟ୍‌ରେ ଜିତିବାର ସମ୍ଭାବନା ରଖିଥିବାବେଳେ ଇଣ୍ଡିଆ ମେଣ୍ଟ ୧୫୪ ଏବଂ ଅନ୍ୟମାନେ ୩୦ଟି ଆସନ ପାଇବେ ବୋଲି ଅନୁମାନ କରିଛି ।

# ଲୋକସଭା ନିର୍ବାଚନ

ଲୋକସଭା ନିର୍ବାଚନ ଶେଷ ହେବା ପରେ ବିଭିନ୍ନ ନିର୍ବାଚନ ଫଳାଫଳକୁ ନେଇ ଆଗୁଆ ଅନୁମାନ କରୁଥିବା ସଂସ୍ଥାଗୁଡ଼ିକ ପକ୍ଷରୁ ଗଣମାଧ୍ୟମରେ ଖବର ପ୍ରକାଶ ପାଉଛି । ରିପବ୍ଲିକ୍ ଟିଭିର ସର୍ଭେ ଅନୁସାରେ ଏନ୍‌ଡିଏ ମେଣ୍ଟ ୩୫୯ ସିଟ୍‌ରେ ଜିତିବାର ସମ୍ଭାବନା ରଖିଥିବାବେଳେ ***I.N.D.I.A*** ମେଣ୍ଟ ୧୫୪ ଏବଂ ଅନ୍ୟମାନେ ୩୦ଟି ଆସନ ପାଇବେ ବୋଲି ଅନୁମାନ କରିଛି ।

# ପଶ୍ଚିମ ଓଡ଼ିଶା ଅସ୍ୱାଭାବିକ ମୃତ୍ୟୁ ତଦନ୍ତ

ପଶ୍ଚିମ ଓଡ଼ିଶାରେ ଅସ୍ୱାଭାବିକ ମୃତ୍ୟୁ ଘଟଣାର ତଦନ୍ତ କରିବା ପାଇଁ ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ନୀଳକଣ୍ଠ ମିଶ୍ର କହିଛନ୍ତି । ଏକ ସ୍ୱତନ୍ତ୍ର ଡାକ୍ତରୀ ଦଳ ଏହାର ତଦନ୍ତ କରିବେ । ମୃତ୍ୟୁଦେହ ଗୁଡ଼ିକର ବ୍ୟବଚ୍ଛେଦ କରାଯିବ । ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି ଶ୍ରୀ ମିଶ୍ର କହିଛନ୍ତି ।

# ପରଲୋକ- ମାଗୁଣି ଚରଣ କୁଅଁର

ପ୍ରସିଦ୍ଧ କଣ୍ଢେଇ ନୃତ୍ୟଗୁରୁ ପଦ୍ମଶ୍ରୀ ମାଗୁଣି ଚରଣ କୁଅଁରଙ୍କର ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ଶେଷକୃତ୍ୟ ଆଜି କେନ୍ଦୁଝରରେ ସମ୍ପନ୍ନ ହୋଇଛି। ପୁଲିସ୍ ପକ୍ଷରୁ ଗାର୍ଡ ଅଫ୍ ଅନର ପ୍ରଦାନ କରାଯାଇଥିଲା। ଆଜି ସକାଳେ ୮୮ ବର୍ଷ ବୟସରେ ତାଙ୍କର ପରଲୋକ ଘଟିଥିଲା। କାଠକଣ୍ଢେଇ ନୃତ୍ୟ ପାଇଁ ମାଗୁଣୀ ଚରଣ କୁଅଁରଙ୍କୁ ୨୦୨୩ ମସିହାରେ ଭାରତ ସରକାର ପଦ୍ମଶ୍ରୀ ସମ୍ମାନରେ ସମ୍ମାନିତ କରିଥିଲେ। କେନ୍ଦ୍ର ସଂଗୀତ ନାଟକ ଏକାଡେମୀ ସମ୍ମାନ, ଉପେନ୍ଦ୍ର ଭଞ୍ଜ ସମ୍ମାନ ଏବଂ ରୁଚିବୁଦ୍ଧ ସମ୍ମାନରେ ମାଗୁଣି ଚରଣ କୁଅଁର ସମ୍ମାନିତ ହୋଇଥିଲେ।

ତାଙ୍କ ବିୟୋଗରେ **ରାଷ୍ଟ୍ରପତି** ଦ୍ରୌପଦୀ ମୁର୍ମୁ ଗଭୀର ଶୋକ ପ୍ରକାଶ କରିଛନ୍ତି। ଏକ ଟୁଇଟ୍ ବାର୍ତ୍ତାରେ ରାଷ୍ଟ୍ରପତି କହିଛନ୍ତି, ସ୍ୱର୍ଗତ ମାଗୁଣି ଚରଣ କୁଅଁର ଛାଡ଼ିଯାଇଥିବା ପଦଚିହ୍ନ ସର୍ବଦା ପ୍ରେରଣାର ଉତ୍ସ ହୋଇ ରହିବ। **ରାଜ୍ୟପାଳ** ରଘୁବର ଦାସ, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏବଂ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ସହିତ ଅନେକ ବିଶିଷ୍ଟ ବ୍ୟକ୍ତି ତାଙ୍କ ବିୟୋଗରେ ଶୋକ ପ୍ରକାଶ କରିଛନ୍ତି।

## ଚତୁର୍ଥ ପର୍ଯ୍ୟାୟ ନିର୍ବାଚନ

ଦେଶରେ ଆଜି ଅନ୍ତିମ ପର୍ଯ୍ୟାୟ ନିର୍ବାଚନ ଶେଷ ହୋଇଛି। ଅଷ୍ଟଦଶ ଲୋକସଭା ପାଇଁ ମୋଟ ୭ଟି ପର୍ଯ୍ୟାୟରେ ସାଧାରଣ ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ଲୋକସଭା ନିର୍ବାଚନ ସହିତ ଓଡିଶା, ଆନ୍ଧ୍ରପ୍ରଦେଶ, ଅରୁଣାଞ୍ଚଳ ପ୍ରଦେଶ ଓ ସିକ୍କିମ ବିଧାନସଭା ପାଇଁ ଏକାସାଙ୍ଗରେ ଭୋଟ୍ ଗ୍ରହଣ ହୋଇଥିଲା।

ଆଜି ଅନ୍ତିମ ପର୍ଯ୍ୟାୟରେ ଓଡ଼ିଶାରେ ସନ୍ଧ୍ୟା ୫ଟା ସୁଦ୍ଧା ୬୨ ଦଶମିକ ୪/୬ ପ୍ରତିଶତ ମତଦାନ ହୋଇଥିବା ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ନିକୁଞ୍ଜ ବିହାରୀ ଧଳ ସୂଚନା ଦେଇଛନ୍ତି । ସେ କହିଛନ୍ତି,

# - V/O -

ଲୋକସଭା ନିର୍ବାଚନର ପ୍ରଥମ ପର୍ଯ୍ୟାୟରେ ଏପ୍ରିଲ ମାସ ୧୯ରେ ୧୦୨ଟି ଲୋକସଭା ଆସନ ପାଇଁ ମତଦାନ ହୋଇଥିବାବେଳେ ଏପ୍ରିଲ ୨୬ରେ ଦ୍ୱିତୀୟ ପର୍ଯ୍ୟାୟରେ ଅଣାନବେଟି, ମଇ ୭ରେ ତୃତୀୟ ପର୍ଯ୍ୟାୟରେ ୯୪ଟି, ମଇ ୧୩ରେ ୯୬ଟି ଲୋକସଭା ଆସନ, ମଇ ୨୦ ପଞ୍ଚମ ପର୍ଯ୍ୟାୟରେ ଅଣଚାଶଟି ଏବଂ ଷଷ୍ଠ ପର୍ଯ୍ୟାୟରେ ମଇ ୨୫ରେ ୯୭ଟି ଲୋକସଭା ଆସନ ଏବଂ ଆଜି ୫୭ଟି ଲୋକସଭା ଆସନ ପାଇଁ ମତ ଗ୍ରହଣ ହୋଇଥିଲା ।

ରାଜ୍ୟରେ ଚଳିତଥର ୧୪୭ଟି ବିଧାନସଭା ଆସନ ପାଇଁ ୧ହଜାର ୨୮୫ଜଣ ପ୍ରାର୍ଥୀ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରିଛନ୍ତି ।

ଶେଷ ପର୍ଯ୍ୟାୟରେ ଆଜି ରାଜ୍ୟର ୬ଟି ଲୋକସଭା ଆସନ ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡା ଓ ଜଗତସିଂହପୁର ଏବଂ ଏହା ଅନ୍ତର୍ଗତ ୪୨ଟି ବିଧାନସଭା ଆସନ ପାଇଁ ଭୋଟ ଗ୍ରହଣ ହୋଇଯାଇଛି ।

ଓଡିଶାରେ ପ୍ରଥମ ପର୍ଯ୍ୟାୟରେ ମତଦାନ ହାର ୭୩ ଦଶମିକ ୯/୭ ପ୍ରତିଶତ ରହିଥିବାବେଳେ ଦ୍ୱିତୀୟ ପର୍ଯ୍ୟାୟରେ ୭୩ଦଶମିକ ୫/୧ପ୍ରତିଶତ ଏବଂ ତୃତୀୟ ପର୍ଯ୍ୟାୟରେ ୭୪ଦଶମିକ ୪/୫ ପ୍ରତିଶତ ମତଦାନ ହୋଇଥିଲା । ଆସନ୍ତା ମଙ୍ଗଳବାର ଭୋଟଗଣତି ହେବା ସହ ଫଳାଫଳ ପ୍ରକାଶ ପାଇବ ।

## ଭୋଟ ଗଣତି ତାଲିମ୍

**ବୌଦ୍ଧ** ଜିଲ୍ଲାରେ ତ୍ରୁଟିଶୂନ୍ୟ ଭୋଟ ଗଣତି ପାଇଁ ଆଜି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଏକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଗଣନା ସୁପରଭାଇଜର, ଗଣନା ସହାୟକ ଓ ମାଇକ୍ରୋ ପର୍ଯ୍ୟବେକ୍ଷକମାନେ ଯୋଗଦେଇ ତାଲିମ୍ ଗ୍ରହଣ କରିଥିଲେ।

## ଜରୁରୀକାଳୀନ ବୈଠକ

**ଗଜପତି** ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡିଠାରେ ଗ୍ରୀଷ୍ମ ପ୍ରବାହ ଜନିତ ଏକ ଜରୁରୀକାଳୀନ ବୈଠକ ଅନୁଷ୍ଠିତ ହୋଇଯାଇଛି। ଅଂଶୁଘାତ ନିୟନ୍ତ୍ରଣ ପାଇଁ ଆବଶ୍ୟକ ପଦକ୍ଷେପ ନେବାକୁ ବିଭାଗୀୟ ଅଧିକାରୀ ମାନଙ୍କୁ ପରାମର୍ଶ ଦିଆଯାଇଛି। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଓ ସମସ୍ତ ଗୋଷ୍ଠୀ ସ୍ୱାସ୍ଥ୍ୟ ଗୁଡିକରେ ଉପଯୁକ୍ତ ପରିମାଣ ଓ.ଆର.ଏସ ଦ୍ରବଣ ଓ ଔଷଧ ମଜୁଦ ରଖିବା ସହ ସ୍ୱତନ୍ତ୍ର ଅଂଶୁଘାତ କକ୍ଷ କରାଯିବା ଏବଂ ଆଶୁ ଚିକିତ୍ସା ବ୍ୟବସ୍ଥାକୁ ତ୍ୱରାନ୍ୱିତ କରିବାପାଇଁ କୁହାଯାଇଛି।

## କାଳବୈଶାଖୀ କ୍ଷୟକ୍ଷତି

ନୂଆପଡ଼ା ଜିଲ୍ଲା ଖଡିଆଳ ସହରରେ କାଳବୈଶାଖୀ ଓ ଘୂର୍ଣ୍ଣିଝଡ଼ ପ୍ରଭାବରେ ବ୍ୟାପକ କ୍ଷୟକ୍ଷତି ହୋଇଛି। ଅନେକ ସ୍ଥାନରେ ବିଦ୍ୟୁତ୍ ତାର ଛିଡିଯାଇଥିବାବେଳେ ଗଛ ଭାଙ୍ଗି ରାସ୍ତା ଅବରୋଧ ହୋଇଛି। ବିଦ୍ୟୁତ୍

ବିଭାଗ ଓ ଅଗ୍ନିଶମ ବିଭାଗ ପହଞ୍ଚି ପରିସ୍ଥିତି ସ୍ୱାଭାବିକ କରିବାକୁ ଉଦ୍ୟମ ଜାରି ରଖିଛନ୍ତି।

## ଟ୍ରେନ୍ ଲାଇନ୍‌ଚ୍ୟୁତ

ବଲାଙ୍ଗିର ଜିଲ୍ଲା କଣ୍ଟାବାଞ୍ଜି ଷ୍ଟେସନ୍‌ରେ ମାଲ୍‌ବାହୀ ଟ୍ରେନ୍ ଲାଇନ୍‌ଚ୍ୟୁତ ଘଟଣାରେ ସମ୍ବଲପୁର ରେଳମଣ୍ଡଳ ପକ୍ଷରୁ କୁହାଯାଇଛି, ଏଥିରେ ଉଭୟ ପଟର ଲାଇନ୍ ପ୍ରଭାବିତ ହୋଇଛି। ତେବେ କେହି ଆହତ ହୋଇନାହାନ୍ତି। ଗତ ରାତି ପ୍ରାୟ ୧୦ଟା ୫୦ରେ ମାଲବାହୀ ଟ୍ରେନ୍‌ର ୧୦ଟି ବଗି ଲାଇନ୍‌ଚ୍ୟୁତ ହୋଇଥିଲା। ତେବେ ଆଜି ସକାଳେ ମରାମତି ହେବା ସହ ଟ୍ରେନ୍ ଚଳାଚଳ ସ୍ୱାଭାବିକ ହୋଇଛି।

## ଆଧାରକାର୍ଡ-ଶିଶୁଯତ୍ନ ଅନୁଷ୍ଠାନ

ରାଜ୍ୟର ବିଭିନ୍ନ ଜିଲ୍ଲାର ଶିଶୁ ଯତ୍ନ ଅନୁଷ୍ଠାନଗୁଡ଼ିକରେ ରହୁଥିବା ଅସହାୟ ଶିଶୁଙ୍କର ଆଧାର କାର୍ଡ କରିବା ପାଇଁ ମହିଳା ଓ ଶିଶୁ ବିକାଶ ବିଭାଗ ପକ୍ଷରୁ ଜିଲ୍ଲାପାଳମାନଙ୍କୁ କୁହାଯାଇଛି । ଏଥିପାଇଁ ୧୫ ଦିନର ସମୟସୀମା ଧାର୍ଯ୍ୟ କରାଯାଇଛି। ଓଡ଼ିଶାରେ ପାଖାପାଖି ୩୨୯ଟି ପଞ୍ଜୀକୃତ ଶିଶୁଯତ୍ନ ଅନୁଷ୍ଠାର ରହିଛି।

ବିଭିନ୍ନ ସ୍ଥାନରୁ ଉଦ୍ଧାର ହୋଇଥିବା ଅସହାୟ ଶିଶୁମାନଙ୍କର ଆଧାର କାର୍ଡ ନଥିବାରୁ  ସେମାନେ ସରକାରୀ ସୁବିଧାରୁ ବଞ୍ଚିତ ହେଉଛନ୍ତି ବୋଲି ରାଜ୍ୟ ଶିଶୁ ସୁରକ୍ଷା ସମିତି ପକ୍ଷରୁ କୁହାଯାଇଛି ।

## ତାପମାତ୍ରା

ରାଜ୍ୟରେ ଭୀଷଣ ଗ୍ରୀଷ୍ମ ପ୍ରବାହ ଜାରି ରହିଛି । ଆଉ ୨-୩ ଦିନ ପର୍ଯ୍ୟନ୍ତ ଏଭଳି ସ୍ଥିତି ବଳବତ୍ତର ରହିବ ବୋଲି ଭୁବନେଶ୍ୱରସ୍ଥିତ ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସୂଚନା ମିଳିଛି । ଆସନ୍ତାକାଲି ପାଇଁ ଗ୍ରୀଷ୍ମପ୍ରବାହ ନେଇ ବରଗଡ଼, ସମ୍ବଲପୁର, ସୋନପୁର, ବଲାଙ୍ଗିର ଓ ନୂଆପଡ଼ା ଜିଲ୍ଲାକୁ ସତର୍କ ସୂଚନା ଜାରି କରାଯାଇଛି । ସେହିଭଳି ଅସହ୍ୟ ଗରମ ଓ ଗୁଳୁଗୁଳି ନେଇ କେନ୍ଦ୍ରାପଡ଼ା, ଜଗତ୍ସିଂହପୁର, କଟକ, ଯାଜପୁର, ଢେଙ୍କାନାଳ, ଖୋର୍ଦ୍ଧା, ନୟାଗଡ଼, ପୁରୀ, ଗଞ୍ଜାମ, କେନ୍ଦୁଝର ଓ ଗଜପତି ଜିଲ୍ଲାପାଇଁ ସତର୍କ ସୂଚନା ଜାରି କରାଯାଇଛି ।

******************************